# କୋଟିଆ ପରେ ଏବେ ରାୟଗଡ଼ା ଉପରେ ଆନ୍ଧ୍ରର ନଜର



ଜମି ମାପିବାକୁ ଆସିଥିବା ଓଡ଼ିଶା ଅଧିକାରୀମାନେ।

- ଓଡ଼ିଶା ସୀମାର ୫ଶହ ମିଟର ଜମିରେ ରାସ୍ତା କରୁଛି ଆନ୍ଧ୍ର
- ମଙ୍ଗଳବାର ଏହାକୁ ବନ୍ଦ କଲା ରାୟଗଡ଼ା ପ୍ରଶାସନ

**ରାୟଗଡା ଅଫିସ,୩୧।୧**

କୋରାପୁଟ ଜିଲା କୋଟିଆ ପରେ ଏବେ ରାୟଗଡ଼ା ଜିଲାରେ ଜବରଦଖଲ ଉଦ୍ୟମ କରୁଛି ଆନ୍ଧ୍ର ସରକାର। ଆପୋସ ସମାଧାନ ପାଇଁ ଆନ୍ଧ୍ର ପ୍ରଶାସନିକ ଅଧିକାରୀଙ୍କୁ ଡକାଯାଇଥିଲେ ମଧ୍ୟ ସେମାନେ ଆସି ନ ଥିଲେ। ଏହାପରେ ଓଡ଼ିଶା ଅଧିକାରୀମାନେ ଉକ୍ତ ରାସ୍ତା କାମକୁ ବନ୍ଦ କରିଥିଲେ। ରାୟଗଡ଼ା ଜିଲା ସଦର ବ୍ଲକ ଦୁର୍ଗାପାଦୁ ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଗାଁ ପାଲାମ ତୁଳସୀ। ଏହି ଗାଁ ନିକଟ ୫୦୦ ମିଟର ଜମି ଜବରଦଖଲ କରି ଆନ୍ଧ୍ର ସରକାର ରାସ୍ତା ନିର୍ମାଣ କରୁଥିଲେ। ଖବରପାଇ ଓଡ଼ିଶା ସରକାରଙ୍କ ପକ୍ଷରୁ ତହସିଲଦାର ତାପସ ରାଉତ, ବ୍ଲକ ଅଧିକାରୀ ଲକ୍ଷ୍ମୀନାରାୟଣ ସାବତ, ଚାଷୀ ଏକତା ପରିଷଦ ସଦସ୍ୟମାନେ ସେଠାରେ ପହଞ୍ଚି ରାସ୍ତା କାମ ରୋକିଥିଲେ। ଜାନୁୟାରୀ ୩୧ରେ ସୀମା ଚିହ୍ନଟ କରାଯିବ। ଏଥିପାଇଁ ଉଭୟ ଆନ୍ଧ୍ର ଓ ଓଡ଼ିଶାର ଅଧିକାରୀମାନେ ଉପସ୍ଥିତ ରହିବାକୁ ସ୍ଥିର କରାଯାଇଥିଲା। କିନ୍ତୁ ମଙ୍ଗଳବାର ଆନ୍ଧ୍ର ଅଧିକାରୀମାନେ ଆସି ନ ଥିଲେ। ଓଡ଼ିଶାର ଅଶ୍ୱିନ କୁମାର ପଣ୍ଡା, ପଞ୍ଚାୟତ ଏକ୍‌ଜିକ୍ୟୁଟିଭ ଅଫିସର ବିଜୟ ନାୟକ, ସନ୍ତୋଷ ଦୋରା, ରାଜସ୍ୱ ସୁପରଭାଇଜର ପି. ମଲିକାର୍ଜୁନ, ସମ୍ପାଦକ ପ୍ରୀତମ କୁମାର, କୋଟେଶ୍ୱର ଗାଣ୍ଟା ପ୍ରମୁଖ ସେଠାରେ ପହଞ୍ଚିଥିଲେ। ଅଧିକାରୀମାନେ ଓଡ଼ିଶା ସୀମା ଚିହ୍ନି ସେଠାରେ ଖୁମ୍ବ ପୋତିଛନ୍ତି। ଏନେଇ ବିଡିଓ ଲକ୍ଷ୍ମୀନାରାୟଣ ସାବତଙ୍କୁ ପଚାରିବାରୁ, ୧୦ ଦିନ ପୂର୍ବେ ଆନ୍ଧ୍ର ଅଧିକାରୀମାନେ ରାସ୍ତା ତିଆରି କରୁଥିଲେ। ଆମେ ଖବରପାଇ ସେଠାରେ ପହଞ୍ଚିଥିଲୁ। ୩୧ରେ ମାପ ପାଇଁ ସ୍ଥିର ହୋଇଥିଲା। କିନ୍ତୁ କେହି ଆସି ନ ଥିଲେ। ତେଣୁ ମ୍ୟାପ୍ ଦେଖି ଆମ ଜାଗା ଚିହ୍ନଟକରି ଆସିଲୁ ବୋଲି ସେ କହିଛନ୍ତି।

# ଅବସର ଗ୍ରହଣ ପୂର୍ବରୁ ରକ୍ତଦାନ, ଶରୀର ଦାନକଲେ ଶିକ୍ଷକ



**ମାଲକାନଗିରି,୩୧।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସଦର ବ୍ଲକ ଶିଖାପାଲି ପଞ୍ଚାୟତର ଫୁଲଗୁଡ଼ା ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ମଙ୍ଗଳବାର ଅବସର ଗ୍ରହଣ ଦିନରେ ରକ୍ତଦାନ କରିଛନ୍ତି। ଏହାର ୨ଦିନ ପୂର୍ବରୁ ସେ ନିଜ ଶରୀରକୁ ମଧ୍ୟ ଦାନ କରିଛନ୍ତି। ଏନେଇ ରହିଥିବା ପ୍ରକ୍ରିୟା ସରିବା ପରେ ସେ ଚାକିରିରୁ ଅବସର ନେଇ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି। ଶିକ୍ଷକ ଜଣକ ହେଲେ ଉକ୍ତ ବିଦ୍ୟାଳୟର ସୁଶାନ୍ତ ସାହୁ। ସେ ଅବସର ଗ୍ରହଣ କରିବାର ୨ଦିନ ପୂର୍ବରୁ ବୋର୍ଡ ଅଫ୍ ମେଡିକାଲ ଏକ୍ସପୋର୍ଟକୁ ନିଜର ଶରୀର ଦାନ କରିଛନ୍ତି। ଏହାଦ୍ୱାରା ଡାକ୍ତରୀ ପାଠ୍ୟକ୍ରମ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରମାନେ ତାଙ୍କ ଶରୀରକୁ ଅଧ୍ୟୟନ କାର୍ଯ୍ୟରେ ଲଗାଇପାରିବେ। ରକ୍ତଦାନ କଲା ପରେ ସେ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ପ୍ରତିଦିନ ବିଦ୍ୟାଳୟ ଆସି ଶିକ୍ଷା ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଛାତ୍ରାବସ୍ଥାରେ ସାହୁ ବ୍ରହ୍ମଚର୍ଯ୍ୟ ପ୍ରତି ମନ ବଳାଇ ଏଯାଏ ଅବିବାହିତ ରହିଛନ୍ତି। ସେ ଅବସର ସମୟ ପୁରୀର କୌଣସି ଏକ ଆଶ୍ରମରେ ରହି ଲୋକଙ୍କ ସେବା କରି ଶେଷ ଜୀବନ କଟାଇବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ଅଟୋ ଓଲଟି ୧୨ରୁ ଊର୍ଦ୍ଧ୍ୱ ଆହତ

**ପାପଡାହାଣ୍ଡି,୩୧।୧ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡିରୁ କୋଷାଗୁମୁଡା ରାସ୍ତାର ସୋରିଷପଦର ବୁଲାଣି ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଅଟୋ ଓଲଟି ପଡିଛି। ଫଳରେ ୩ ନାବାଳିକାଙ୍କ ସହ ୧୨ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣେ ନାବାଳିକାଙ୍କ ସହ ୩ ଜଣଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି, ନବରଙ୍ଗପୁର ଜିଲା ତାରାଗାଁ ପଞ୍ଚାୟତ ବୋଦାମୁଣ୍ଡା ଗ୍ରାମର ଜଣେ ଯୁବକଙ୍କ ପାପଡାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ କଣ୍ଟାସାରୁ ଗ୍ରାମର ଯୁବତୀଙ୍କ ସହ ଆଦିବାସୀ ପରମ୍ପରା ଅନୁଯାୟୀ ବିବାହ କରିବା ପାଇଁ ରବିବାର କଣ୍ଟାସାରୁ ଯାଇଥିଲେ। ବିବାହ ସରିବା ପରେ ସୋମବାର ବରପକ୍ଷ ୨୦ ଜଣକୁ ଧରି ଏକ ଓଟୋ (ଓଡ଼ି୧୦ କେ- ୩୦୫୫) ଯୋଗେ ଘରକୁ ରାତି ସାଢେ ୧୦ଟାରେ ଫେରୁଥିଲେ। ଏହି ସମୟରେ ସୋରିଷପଦର ବୁଲାଣି ନିକଟରେ ଅଟୋଟି ଭାରସାମ୍ୟ ହରାଇ ଜମି ତଳକୁ ଖସି ଓଲଟି ପଡିଥିଲା। ସେହି ରାସ୍ତା ଦେଇ ଫେରୁଥିବା ପଦଲାମ ବିଷୋୟୀ ଏହା ଦେଖି ତୁରନ୍ତ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ସମସ୍ତ ଆହତଙ୍କୁ ଉଦ୍ଧାର କରି ପୋଲିସ ଗାଡି ଓ ପଦଲାମଙ୍କ କାରରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଭର୍ତ୍ତି କରିଥିଲେ। ଆହତ ହୋଇଥିବା ମକର ମୁଦୁଲି,ସଦନ ନାୟକ, ଜିତୁ ଜାନି ,ସ୍ୱାତି ଜାନି,ମମତା ଜାନି,ଚମ୍ପା ମୁଦୁଲି, ଗୋମତୀ ଜାନି, ସ୍ୱାଇଁ ମୁଦୁଲି,ବୁଦେଇ ଜାନି, ରୋପେଇ ମୁଦୁଲି, ଶ୍ୟାମ ସୁନ୍ଦର ଜାନିଙ୍କ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠାଯାଇଛି। ନାବାଳିକା ମମତା ଜାନି, ଗୋମତି ଜାନି ଓ ମଙ୍ଗଳଦେଈ ମୁଦୁଲିଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ନବରଙ୍ଗପୁର ସ୍ଥାନାନ୍ତର କରାଯାଇଛି।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଡାବୁଗାଁ, ୩୧।୧ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ ସ୍ୱାଇଁ ଅବସର ଗ୍ରହଣ କରିଛନ୍ତି। ତାଙ୍କୁ ବିଦାୟ ଦେବା ଲାଗି ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀମାନେ ପ୍ରଧାନଶିକ୍ଷକଙ୍କୁ ଉପଢୌକନ ସହ ଉପହାର ଦେଇସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଆରତି ବିଶୋୟୀ, କିରଣମାଳା ତିର୍କି, ସୁପ୍ରିୟା ମହାକ୍ଷୁଡ, ରଶି ରଞ୍ଜିତା ନାୟକ, ବିନିତା ଠାକୁର, ଦମୟନ୍ତୀ ଦୋରା, ସୁଦେଷ୍ଣା ଜାତି, କଳ୍ପନା ଉଥାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଆଇନ ସଚେତନତା ଶିବିର

**ଜୟପୁର,୩୧।୧ (ନି.ପ୍ର.):** ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ଆନୁକୂଲ୍ୟରେ ମଙ୍ଗଳବାର ଏକାମ୍ବା ପଞ୍ଚାୟତର ନନ୍ଦଗୁଡ଼ା ଗ୍ରାମରେ ତୃତୀୟ ଲିଙ୍ଗ ବ୍ୟକ୍ତି ବିଶେଷଙ୍କ ମୌଳିକ ଅଧିକାର ସମ୍ପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧିକରଣ, ଲୋକ ଅଦାଲତର ସଚିବ୍ ତଥା ବିଚାରପତି ସୁମନ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ପି.ପି ଡ. ଗାୟତ୍ରୀ ଦେବୀ, ସଦରଥାନା ଏଏସ୍‌ଆଇ ଗଣେଶ ପ୍ରସାଦ ବେହେରା, ନନ୍ଦଗୁଡ଼ା ଗ୍ରାମ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ତୃତୀୟ ଲିଙ୍ଗ ବ୍ୟକ୍ତି ବିଶେଷ କିପରି ସେମାନଙ୍କ ପାଇଁ ରହିଥିବା ମୌଳିକ ଅଧିକାର ପାଇପାରିବେ ଏବଂ ସମାଜରେ ନିଜର ସ୍ଥିତି ସୁଦୃଢ଼ କରି ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ବୁଝାଇଥିଲେ।

# ଚିତ୍ରକୋଣ୍ଡା ପାପୁଲୁରରେ ଜନନୀ ଯନ୍ତ୍ରଣା

## ଗର୍ଭବତୀଙ୍କୁ ୮ କି.ମି. ବୋହି ଆଣିଲେ ଆଶାକର୍ମୀ, ପରିବାର

**ଚିତ୍ରକୋଣ୍ଡା,୩୧।୧(ଡି.ଏନ୍.ଏ.)**



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ପାପୁଲର ପଞ୍ଚାୟତ ନାଏଡାଗୁଡାରେ ଦେଖିବାକୁ ମିଳିଛି ଜନନୀ ଯନ୍ତ୍ରଣା। ଏହି ଗ୍ରାମର ରାମଚନ୍ଦ୍ର ଶିଶାଙ୍କ ସ୍ତ୍ରୀ ଭାନୁଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହେବାରୁ ରାମଚନ୍ଦ୍ର ଆଶା କର୍ମୀ ନିଳିମା ଖିଲଙ୍କୁ ଜଣାଇଥିଲେ। ଏନେଇ ନିଳିମା ନିକଟସ୍ଥ ପାପୁଲୁର ମେଡିକାଲକୁ ଯୋଗାଯୋଗ କରି ଆମ୍ବୁଲାନ୍ସ ପାଇଁ ଫୋନ କରି ଜଣାଇଥିଲେ। ଆମ୍ବୁଲାନ୍ସ ଆସିବାକୁ ମନା କରିବାରୁ ପରିବାର ଲୋକେ ଏକ ଟୋକେଇରେ ଭାର କରି ଭାନୁଙ୍କୁ ଦୀର୍ଘ ୮ କି.ମି. ଦୂର ବୋହି ଆଣୁଥିବା ବେଳେ ଭାନୁ ବାଟରେ ଏକପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ସନ୍ତାନ ଜନ୍ମ ପରେ ଭାନୁଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଆଶକର୍ମୀ ନିଳିମା ଓ ପରିବାର ଲୋକେ ତାଙ୍କୁ ପାପୁଲୁର ମେଡିକାଲ ନେଇଥିଲେ। ମାତ୍ର ସେଠାରେ ଡାକ୍ତର, ନର୍ସ, ଆମ୍ବୁଲାନ୍ସ ଡ୍ରାଇଭର କେହି ନ ଥିବାରୁ ନିରାଶ ହୋଇ ଚିତ୍ରକୋଣ୍ଡା ନେବାକୁ ରାସ୍ତାରେ ଅପେକ୍ଷା କରିଥିଲେ। ଏହି ସମୟରେ ଚିତ୍ରକୋଣ୍ଡା ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ ଛାଡି ଫେରୁଥିଲା। ସେମାନେ ଉକ୍ତ ଆମ୍ବୁଲାନ୍ସକୁ ଅଟକାଇ ସେଥିରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଆସିଥିଲେ। ସେଠାରେ ଚିକିତ୍ସା ପରେ ମା' ଓ ପୁତ୍ର ସନ୍ତାନ ଭଲ ଅଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ ନନ୍ଦଙ୍କୁ ଅବଗତ କରାଇ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଜବତ

**ନନ୍ଦାହାଣ୍ଡି,୩୧।୧(ଡି.ଏନ୍.ଏ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଦହଣା ଏବଂ ଏକମ୍ବା ଦେଇ ପ୍ରବାହିତ ବାଙ୍ଗିରୀ ନାଳରେ ସୋମବାର ବିଳମ୍ବିତ ରାତିରେ ଏକ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ଡଙ୍ଗରଭେଜା ଫାଣ୍ଡିକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଶୁଭେନ୍ଦୁ ବେହେରା ସେଠାକୁ ଯାଇଥିଲେ। କିନ୍ତୁ ଅନ୍ଧାର ଥିବାରୁ ଉଦ୍ଧାର କାର୍ଯ୍ୟ ହୋଇପାରି ନ ଥିଲା। ମୃତକ ହେଲେ ବିକ୍ରମପୁର ଗ୍ରାମର ଚନ୍ଦ୍ରଶେଖର ଦାଶ(୫୮)। ମଙ୍ଗଳବାର ଦହଣା ଦମକଳ ବିଭାଗ କର୍ମଚାରୀ ଅତିରିକ୍ତ ତହସିଲଦାର ହିମାଂଶୁ ନାୟକ ଏବଂ ଫରେନ୍ସିକ ଟିମ୍‌ଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିଛନ୍ତି। ଫରେନ୍ସିକ ଟିମ ତଦନ୍ତ ପାଇଁ ଶରୀରର କିଛି ନମୁନା ସଂଗ୍ରହ କରିଛନ୍ତି। ୫ ଦିନ ପୂର୍ବରୁ ବ୍ୟକ୍ତି ଜଣକ ପାଣିରେ ବୁଡିଯାଇଥିବାର ଅନୁମାନ କରାଯାଉଛି। ମୃତକ କିଛିଦିନ ତଳେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ସେଠାରୁ ସେ ନିଖୋଜ ଥିଲେ। ଉଦ୍ଧାର ପରେ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହକୁ ଅଣାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ଏ ନେଇ କେସ ନମ୍ବର ୨/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଅତିଥିମାନଙ୍କ ସମ୍ମୁଖରେ ଛାତ୍ରୀମାନେ ଆତ୍ମସୁରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।

**ପଟ୍ଟାଙ୍ଗି,୩୧।୧(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇ ଯାଇଛି। କାର୍ଯ୍ୟକ୍ରମ ଅଧିକାରିଣୀ ରାଜଶ୍ରୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଶିବିର ୧୦ ଦିନ ଧରି ୧୨୪ଜଣ ଛାତ୍ରୀଙ୍କୁ ନେଇ ଚାଲିଥିଲା। ତାଲିମ ଦାତା ଭାବେ ଏନ.ଅଞ୍ଜଳି ଏବଂ ଭବାନୀ ଖିଲ ଆତ୍ମ ସୁରକ୍ଷା ତାଲିମ ଦେଇଥିଲେ। ଉଦଯାପନୀ ଉତ୍ସବରେ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ନିଜ ସୁରକ୍ଷା ସମ୍ପର୍କରେ ବୁଝାଇଥିଲେ। ପରେ ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସୁନାବେଡା ଉତ୍କଳ କରାଟେ ସ୍କୁଲର ସିହାନ ମହେଶ ବରାଳ ଯୋଗ ଦେଇ ବର୍ତ୍ତମାନ ସମୟରେ ଛାତ୍ରୀମାନଙ୍କ ନିଜ ସୁରକ୍ଷା ପାଇଁ ନିଜେ ଦୃଷ୍ଟି ଦେବା ନିହାତି ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ସାମଲ ସଭାପତିତ୍ୱ କରିଥିଲେ। ଅଶୋକ ନାୟକ, ଶେଷଦେବ ବାରିକ , ଜ୍ୟୋସ୍ନାମୟୀ ସାହୁ , ତ୍ରୈଲୋଚନ ରଣା, ସରୋଜ ରଞ୍ଜନ ଭୂୟାଁ , ସୁକାନ୍ତ ଚନ୍ଦ୍ର ରାଉତରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜବରଦଖଲ ହଟାଇଲା ରେଲୱେ

**ମୁନିଗୁଡ଼ା, ୩୧।୧(ଡି.ଏନ୍.ଏ.)**



ରାୟଗଡା ଜିଲା ବ୍ୟସ୍ତବହୁଳ ବ୍ୟବସାୟୀ ନଗରୀ ମୁନିଗୁଡ଼ାରେ ମଙ୍ଗଳବାର ପୂର୍ବାହ୍ନରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ମୁନିଗୁଡା ତହସିଲଦାର ତଥା ସ୍ଥାନୀୟ ମାଜିଷ୍ଟ୍ରେଟ ଦେବାଶିଷ ଗୌଡ଼ଙ୍କ ନେତୃତ୍ୱ ଏବଂ ମୁନିଗୁଡା ରାଜସ୍ୱ ବିଭାଗ, ପୋଲିସ, ଜିଆରପି ଓ ଆରପିଏଫ ବାହିନୀଙ୍କ ମିଳିତ ସହଯୋଗରେ ଏହି ଉଚ୍ଛେଦ କରାଯାଇଥିଲା। ମୁନିଗୁଡା ରେଲୱେର ପ୍ରବେଶ ପଥରୁ ମୁନିଗୁଡା ଷ୍ଟେଟବ୍ୟାଙ୍କ ପର୍ଯ୍ୟନ୍ତ ଉଚ୍ଛେଦ କରାଯାଇଛି। ମୁନିଗୁଡା ଭବାନୀପାଟଣା ମୁଖ୍ୟ ସଡ଼କର ବାମପଟ ରେଲୱେ ସାଇଡ଼ରେ ଥିବା ୩୪ ଦୋକାନରୁ ପ୍ରଥମ ପର୍ଯ୍ୟାୟରେ ୧୮ଟି ଦୋକାନ ଭଙ୍ଗାଯାଇଥିଲା। ବଳକା ୧୬ଜଣ ବ୍ୟବସାୟୀ ଅଦାଲତର ଦ୍ୱାରସ୍ଥ ହୋଇ ୩ମାସର ରହିତାଦେଶ ଆଣିଥିଲେ। ୩ମାସ ପରେ ପୁଣି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ରେଳ ଧାରଣା ପାଇଁ ସମ୍ପ୍ରସାରଣ ପାଇଁ ଏହି ଉଚ୍ଛେଦ କରାଯାଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ନିଜ ନିଜର ଦୀର୍ଘ ଦିନର ବ୍ୟବସାୟ ହରାଇ ବେପାରୀମାନେ ବିକଳରେ ତାଙ୍କ ଭଙ୍ଗା ଘରୁ ଜୀବନ ଆଉ ଜୀବିକାର ଭଗ୍ନାଶେଷକୁ ସାଉଁଟୁ ଥିବା ଦେଖିବାକୁ ମିଳିଛି। ପ୍ରଶାସନ ସେମାନଙ୍କୁ ଥଇଥାନ ଯାଗାଇ ଦେଉବୋଲି ଅଞ୍ଚଳବାସୀ ଦାବି କହିଛନ୍ତି। ଏହି ଉଚ୍ଛେଦବେଳେ ମୁନିଗୁଡା ତହସିଲଦାରଙ୍କ ବ୍ୟତୀତ ଜିଆରପି ସହାୟକ ମଣ୍ଡଳ ଯନ୍ତ୍ରୀ(ଏଡିଇଏମ)ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ସିନିୟର ସେକ୍ସନ ଇଞ୍ଜିନିୟର ସୁବ୍ରତ ନାୟକ, ଆରପିଏଫ୍ ଇନ୍ସପେକ୍ଟର ପି.ଏସ୍.ରାଓ, ମୁନିଗୁଡା ଥାନାଧିକାରୀ ସୁଜ୍ଞାନୀ ସାହୁ,ସେକେଣ୍ଡ ଅଫିସର ଏସ୍‌ଆଇ ନରସିଂହ ବେହେରା, ରାଜସ୍ୱ ନିରୀକ୍ଷକ ନୀଳାଞ୍ଚଳ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୯ ଖେଳାଳିଙ୍କ କଟକ ଗସ୍ତ

**ମାଲକାନଗିରି,୩୧।୧ (ଡି.ଏନ୍.ଏ.)**

ଆସନ୍ତା ଫେବୃଆରୀ ୨ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ହେବାକୁ ଥିବା କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବାକୁ ମାଲକାନଗିରି ଜିଲା କ୍ରିକେଟ ଆସୋସିଏଶନର ଏକ ଟିମ୍ ମଙ୍ଗଳବାର କଟକ ଗସ୍ତ କରିଛନ୍ତି। ଏହି ଟିମ୍‌ରେ ଜିଲାର ବିଭିନ୍ନ ଗ୍ରାମରୁ ଚୟନ ହୋଇଥିବା ୧୯ ଜଣ କ୍ରିକେଟ ଖେଳାଳି ସାମିଲ ହୋଇଛନ୍ତି। ଏହି ପ୍ରତି ଯୋଗିତାର ପ୍ରଥମ ଦିନ ମାଲକାନଗିରି ସହ ନୁଆପଡା ଟିମ୍ ମଧ୍ୟରେ ମ୍ୟାଚ ହେବ। ଖେଳାଳିଙ୍କ ସହ କ୍ରିକେଟ୍ କୋଚ୍ ଜି. ରାମକ୍ରିଷ୍ଣା ଓ ଟିମ କ୍ୟାପଟେନ୍ ଭଞ୍ଜ ରଣା ଯାଇଛନ୍ତି।

# ଫେବୃୟାରୀ ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ରାୟଗଡ଼ା ଅଫିସ/ରାୟଗଡ଼ା (ସ୍ୱ.ପ୍ର.), ୩୧।୧**

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବିଚାର ବିଭାଗୀୟ ଅଦାଲତ ପରିସରରେ ଫେବୃୟାରୀ ୧୧ ତାରିଖରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । ଏଥିରେ ଦେୱାନୀ, ଫୌଜଦାରୀ, ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ବିବାଦ, ଜମି ଅଧିଗ୍ରହଣ, ବ୍ୟାଙ୍କ ଋଣ ଆଦି ମାମଲାର ନିଶୁଳ୍କ ସମାଧାନ କରାଯିବ। ବିଚାରଧୀନ ମକଦ୍ଦମା ସହ କଚେରୀରେ ଦାୟର ହୋଇ ନ ଥିବା ବିଭିନ୍ନ ବିବାଦର ସମାଧାନ ହୋଇପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ନିବେଦିତା ପଣ୍ଡା ସୂଚନା ଦେଇଛନ୍ତି। ଲୋକ ଅଦାଲତରେ କୌଣସି ପ୍ରକାର ଆର୍ଥିକ ବ୍ୟୟ କରିବାକୁ ପଡୁ ନ ଥିବାରୁ ଜନ ସାଧାରଣ ଏହାର ସୁଯୋଗ ନେବାକୁ ଜଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ବିଶ୍ୱଶାନ୍ତି, ସୁରକ୍ଷାରେ ଭାରତର ଭୂମିକା ଶୀର୍ଷକ ଆଲୋଚନାଚକ୍ର

**ମାଥିଲି,୩୧।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ମାଥିଲିବ୍ଲକ ସ୍ଥିତ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକ କଲ୍ୟାଣ ମଣ୍ଡପଠାରେ 'ବିଶ୍ୱଶାନ୍ତି,ସୁରକ୍ଷାରେ ଭାରତର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷ ମହେଶ ବାକା, ସମ୍ମାନିତ ଅତିଥି ରୂପେ ବିଡିଓ ହୃଷୀକେଶ ଗଣ୍ଡ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶଶିଭୂଷଣ ମିଶ୍ର, ଥାନା ଅଧିକାରୀ ରଞ୍ଜନ ମାଝି, ସଦର ସରପଞ୍ଚ କାନାମରାଜୁ ନାୟକ, ଜିଲା ପରିଷଦ ସଭ୍ୟ ହିରଣ୍ୟ ମୁଦୁଲି ଓ ବରିଷ୍ଠ ନାଗରିକ ଶିବପ୍ରସାଦ ପରିଚ୍ଛା ଯୋଗଦେଇଥିଲେ। ନାଗରିକ ମଞ୍ଚ ଆବାହକ କୁନାଲ ମିଶ୍ର ଅତିଥି ପରିଚୟ ଦେଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରିଥିଲେ। ପରେ ଉତ୍କଳମଣି ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀମାନେ ଭ୍ରୁଣ ହତ୍ୟା ରୋକିବା ନେଇ ଏକ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ। ଆମେ ଭାରତୀୟ ଆମେ ସମସ୍ତେ ଏକ। ଅହିଂସା ଆମର ପରମ ଧର୍ମ। ଭାରତର ମହାପୁରୁଷମାନେ ଯେଉଁ ବାର୍ତ୍ତା ଦେଇଯାଇଛନ୍ତି ତାହାକୁ ଆମେ ରକ୍ଷା କରିବା ସହ ଏହାକୁ ପରିପାଳନ ଲାଗି ସଂକଳ୍ପ ନେବା। ଆମେ ସମସ୍ତେ ହିଂସା ଛାଡି ଅହିଂସାକୁ କିପରି ଆପଣେଇବା ସେନେଇ ଚେଷ୍ଟାକଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଖବରଦାତା ଏମ୍‌ଡି ଆକବର, ରାଜୀବ ବେହେରା ଓ ବାସୁଦେବ ଜେନାଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମାଥିଲି ବ୍ଲକ ଅଧ୍ୟକ୍ଷ ସ୍ମୃତିରଞ୍ଜନ,ପୂର୍ବତନ ସରପଞ୍ଚ ଗୌରୀ ବଟେ, ପ୍ରେରଣା ମହିଳା ଟ୍ରଷ୍ଟ ସଭାନେତ୍ରୀ ସନ୍ତୋଷିନୀ ପାତ୍ର, ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଅଧ୍ୟକ୍ଷ ତ୍ରୈଲୋକ୍ୟ ସାହୁ,ମାଥିଲି ଉତ୍କଳମଣି ଗୋପବନ୍ଧୁ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷା ଲିଳିମା ମହାନ୍ତି, ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ଭଦ୍ର, ବଜାର କମିଟି ସଭାପତି ଶ୍ରୀକାନ୍ତ ଚୌଧୁରୀ, ସଦାଶିବ ନାୟକ, ସାମାଜିକ କର୍ମୀ ଜୟନ୍ତ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କଣ୍ଢେଇ ମାଧ୍ୟମରେ ଶିକ୍ଷାଦାନ ନେଇ ଶିକ୍ଷକଙ୍କୁ ପ୍ରଶିକ୍ଷଣ

## ହଜି ଯାଉଥିବା କଣ୍ଢେଇ ନାଚର ପୁନରୁଦ୍ଧାର ଚିନ୍ତା

**କୋରାପୁଟ, ୩୧।୧(ସ୍ୱ.ପ୍ର.)**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଓଡ଼ିଶାର ପାରମ୍ପରିକ କାଠପୁତୁଳି (କଣ୍ଢେଇ ନାଚ) ପ୍ରାୟତଃ ହଜିଗଲାଣି । ବହୁ ବର୍ଷେ ପୂର୍ବେ ଗ୍ରାମାଞ୍ଚଳରେ ଏହି କଣ୍ଢେଇ ନାଚ ଦ୍ୱାରା ଲୋକଙ୍କୁ ବିଭିନ୍ନ ବିଷୟରେ ସଚେତନ କରାଯାଉଥିଲା । ସେହି ସମୟରେ ଏହି ନାଚ ଦେଖିବା ପାଇଁ ଲୋକେ ୨୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ଟିକେଟ କ୍ରୟ କରୁଥିଲେ। ମାତ୍ର ସମୟ ବଦଳିବା ସହ ମଣିଷର ରୁଚି ବଦଳିବାରୁ ସମୟକ୍ରମେ କଣ୍ଢେଇ ନାଚ ଜନମାନସରୁ ହଜିଯାଇଛି। ଏବେ ଆଉ ଏହି ନାଚ ଦେଖିବାକୁ ମିଳୁନାହିଁ। ତେବେ କିଛି ସ୍ଥାନରେ କଣ୍ଢେଇ ନାଚ କରୁଥିବା ଶିଳ୍ପୀମାନେ ରହିଛନ୍ତି। ଏହି କଣ୍ଢେଇ ନାଚ ମାଧ୍ୟମରେ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଗଲେ ଛାତ୍ରୀଛାତ୍ର ଅତି ସହଜରେ ଶିକ୍ଷା ଗ୍ରହଣ କରିପାରିବେ ବୋଲି ଲକ୍ଷ୍ୟ ରଖି ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । କୋରାପୁଟରେ ସାମନ୍ତ ଚନ୍ଦ୍ରଶେଖର ବିଜ୍ଞାନ କ୍ଲବ ଏବଂ ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଯୋଗାଯୋଗ ପରିଷଦର ମିଳିତ ଆନୁକୂଲ୍ୟରେ କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫ ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କଣ୍ଢେଇ ମାଧ୍ୟମରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରାଯିବ। ବସନ୍ତ ସାହୁ, ଶିବ ନାରାୟଣ ଭଞ୍ଜ ଓ ଅଜୟ ପଣ୍ଡା ଯୋଗଦେଇ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ। ଏହି ବ୍ୟବସ୍ଥାରେ ପିଲାମାନେ ଆଗ୍ରହର ସହ ଶିକ୍ଷା ଗ୍ରହଣ କରିବେ ବୋଲି ପ୍ରଶିକ୍ଷାର୍ଥୀ ସିଦ୍ଧାର୍ଥ ଶଙ୍କର ମହାପାତ୍ର କହିଛନ୍ତି। କୋରାପୁଟ ଓ ନବରଙ୍ଗପୁର ଜିଲାର ୫୦ ଜଣ ଶିକ୍ଷୟତ୍ରୀ ଶିକ୍ଷକ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ତାଲିମ ନେଇଥିଲେ । ଶିବିରରେ ସାମିଲ ହୋଇଥିଲେ। ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳି ମହାକ୍ଷୁଡ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟାଳୟ ଛାତରୁ ଖସୁଛି କଂକ୍ରିଟ

**କୋରାପୁଟ, ୩୧।୧(ସ୍ୱ.ପ୍ର.)**

କୋରାପୁଟ ପୌରାଞ୍ଚଳ ଅଧୀନ ଗୁଣ୍ଡାଗୁଡା ପ୍ରାଥମିକ ବିଦ୍ୟାଳୟ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପାଠପଢା ଚାଲୁଥିବାବେଳେ ବିଦ୍ୟାଳୟ ଗୃହ ଛାତରୁ କଂକ୍ରିଟ ଖସୁଛି। ଏନେଇ ଅଭିଭାବକମାନେ ପୌର ପ୍ରଶାସନ ଓ ଶିକ୍ଷା ବିଭାଗ ନିକଟରେ ବିଦ୍ୟାଳୟର ମରାମତି ନେଇ ଦାବି କରିଛନ୍ତି। ପ୍ରଥମରୁ ୫ ଶ୍ରେଣୀ ଯାଏ ରହିଥିବା ଏହି ବିଦ୍ୟାଳୟରେ ୧୬ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ଦୁଇଟି ଗୃହ ରହିଥିବାବେଳେ ଏହି ଗୃହଗୁଡିକର କାନ୍ଥ ଫାଟି ଆଁ କରିଛି। ଝାତରୁ ସିମେଣ୍ଟ ପ୍ଲାଷ୍ଟର ଖସୁଥିବା ଜଣାପଡିଛି। ବିଦ୍ୟାଳୟରେ ସୋମବାର ପାଠପଢା ଚାଲିଥିବାବେଳେ ଶ୍ରେଣୀ ଗୃହର ଛାତରୁ ଏକ ସିମେଣ୍ଟ ଖଣ୍ଡ ଖସି ଜଣେ ଛାତ୍ରୀଙ୍କ ବ୍ୟାଗ ଉପରେ ପଡିଥିଲା। ଫଳରେ ଛାତ୍ରୀ ଜଣକ ବର୍ତ୍ତିଯାଇଥିଲେ। ଏହି ବିଦ୍ୟାଳୟର ମରାମତି ନେଇ ଗତ ୭ ମାସ ତଳେ ବିଦ୍ୟାଳୟ ପରିଚାଳନା କମିଟି କୋରାପୁଟ ବ୍ଲକ ଶିକ୍ଷା ଅଧିକାରୀ ଓ ପୌରାଧକ୍ଷଙ୍କ ନିକଟକୁ ଆସି ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବାକୁ ଦାବିପତ୍ର ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ୨ ଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟକୁ ପିଲାମାନଙ୍କୁ ପଠାଇବାକୁ ଭୟ ଲାଗୁଛି। ମାତ୍ର ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବିଦ୍ୟାଳୟକୁ ପଠାଉଛୁ ବୋଲି କହିଛନ୍ତି ଅଭିଭାବକ ଭଗବାନ ମୁଦୁଲି। ଅନ୍ୟପକ୍ଷରେ ଶ୍ରେଣୀ ଗୃହରେ ପଢାଇବା ବେଳେ ଭୟ ଲାଗୁଥିବା କହିଛନ୍ତି ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ। ଏହି ସମସ୍ୟା ନେଇ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତି ଜାନିଙ୍କୁ ପଚାରିବାରୁ ପିଲାଙ୍କ ଜୀବନ ସୁରକ୍ଷା ପ୍ରତି ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।


ଗୁଣ୍ଡାଗୁଡା ପ୍ରାଥମିକ ବିଦ୍ୟାଳୟ।

- ବିପଦରେ ଗୁଣ୍ଡାଗୁଡା ପ୍ରାଥମିକ ବିଦ୍ୟାଳୟ
- ପିଲାଙ୍କ ଭବିଷ୍ୟତ ଦୃଷ୍ଟିରୁ ବିଦ୍ୟାଳୟକୁ ପଠାଉଛୁ
- ସୋମବାର ପାଠପଢା ବେଳେ ଛାତରୁ ଖସିପଡିଥିଲା ପ୍ଲାଷ୍ଟର
- ପିଲାଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ପଦକ୍ଷେପ ନିଆଯିବ

## ସଂକ୍ଷେପରେ

### ସୁଦାମ ବିଶୋୟୀଙ୍କୁ ବାଣୀପୀଠ ସମ୍ମାନ



**ସୁନାବେଡ଼ା,୩୧।୧(ସ୍ୱ. ପ୍ର.):** ରାଜ୍ୟସ୍ତରୀୟ କଳା, ସାହିତ୍ୟ, ଶିକ୍ଷା ଓ ସଂସ୍କୃତି ଅନୁଷ୍ଠାନ 'ବାଣୀପୀଠ' ମହୋତ୍ସବ ବଡ଼ସାହିସ୍ଥିତ ବିବେକାନନ୍ଦ ବିହାର ମୟୂରଭଞ୍ଜଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାକ୍ତର ପ୍ରମୋଦ ମିଶ୍ର ଏବଂ ବିଜୟ ନାୟକ ଅତିଥି ରୂପେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ପ୍ରତିଭାସମ୍ପନ୍ନ କଳାକାରମାନଙ୍କୁ ସମ୍ମାନିତ କରାଯାଇଥାଏ। ଏଥିରେ ସୁନାବେଡ଼ା ହାଲ୍‌ର ଅବସରପ୍ରାପ୍ତ କର୍ମଚାରୀ ତଥା ଅଭିନେତା, ନିର୍ଦ୍ଦେଶକ, ନାଟ୍ୟକାର ସୁଦାମ ବିଶୋୟୀଙ୍କୁ ବାଣୀପୀଠ ସମ୍ମାନରେ ସମ୍ମାନିତ କରାଯାଇଛି। ସମ୍ମାନ ସ୍ୱରୂପ ତାଙ୍କୁ ୧ଲକ୍ଷ ଟଙ୍କାର ପଲିସି ବଣ୍ଡ, ଉପାୟନ, ମାନପତ୍ର ପଦକ, ଟ୍ରଫି ମିଳିଛି। ବିଶୋୟୀ ହେଉଛନ୍ତି ଅବିଭକ୍ତ କୋରାପୁଟ ଜିଲାର ଜଣେ ଉଜ୍ଜ୍ୱଳସମ୍ପନ୍ନ ନାଟ୍ୟପ୍ରତିଭା। ନିଜ ସାଧନା ପାଇଁ ସେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୧୫ରେ ସମ୍ମାନିତ ହୋଇଛନ୍ତି। ଏଥିସହ ଅନୁବାଦ କ୍ଷେତ୍ରରେ ମଧ ତାଙ୍କର ଦକ୍ଷତା ରହିଛି।

### ଜିଲା ଶହୀଦ ନରସିଂହ ଡମ ସମାଜ ବୈଠକ

**ମାଥିଲି,୩୧।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ଶହୀଦ ନରସିଂହ ଡମ ସମାଜ ପକ୍ଷରୁ ଏକ ବୈଠକ ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ପଞ୍ଚାୟତର କଲାଗୁଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ଆଖପାଖ ଅଞ୍ଚଳର ଯୁବକ,ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ। ତାଙ୍କ ସମାଜର କିପରି ଅଗ୍ରଗତି ହୋଇପାରିବ ସେନେଇ ଆଲୋଚନା କରାଯାଇଥିଲା। ଶହୀଦ ନରସିଂହ ଡମ ସମାଜର ଜିଲା ସଭାପତି ବଳରାମ ଅନୁଗୁଳିଆ, ଉପଦେଷ୍ଟା ଧନୁର୍ଜୟ ହନ୍ତାଳ ଅତିଥି ରୂପେ ଯୋଗଦେଇ ଆମ ସମାଜର ତୃଣମୂଳ ସ୍ତରରୁ କିପରି ସମସ୍ତେ ଏକାଠି ହୋଇପାରିବେ ଏବଂ ଭାଇଚାରା ବଜାୟ ରଖି ସମସ୍ତଙ୍କ ଦୁଃଖ ସୁଖରେ ସମସ୍ତେ ଭାଗୀଦାରି ହେବେ ସେନେଇ ଅତିଥିମାନେ ବିଭିନ୍ନ ପରାମର୍ଶ ଦେଇଥିଲେ। କୋଷାଧକ୍ଷ ସୁବାସ ଚନ୍ଦ୍ର ବିଶୋୟୀ, ଉପ କୋଷାଧକ୍ଷ ପୋଲିସ ରାମ ମାଣ୍ଡି, ଉପଦେଷ୍ଟା ଅଜିତ୍ ଦଳେଇ, ସୁବାସ ଦଳେଇ, ଜିଲା ସମ୍ପାଦକ ତୁଳସୀରାମ ଦଳେଇ, କିଆଙ୍ଗ ପଞ୍ଚାୟତ ସଭାପତି ଦୀନବନ୍ଧୁ ମାଣ୍ଡିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ସରକାରୀ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପଡିଆ, ୩୧।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ପଡ଼ିଆ ବ୍ଲକ ସଦର ମହକୁମା ସରକାରୀ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟର ୨୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟ ପରିଷଦ ଅଧକ୍ଷ ଆଡମା ରାବା ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ତ୍ରିନାଥ ମାଝି, ମୁଖ୍ୟବକ୍ତା ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରା, ପଡ଼ିଆ ବ୍ଲକ ଅଧକ୍ଷା ଯମୁନା ମୁଚାକି, ବିଡିଓ ରାମକୃଷ୍ଣ ନାୟକ, ବ୍ଲକ ଶିକ୍ଷାଧିକାରୀ ଅଶୋଭ ରଞ୍ଜନ ମାଳି, ପଡ଼ିଆ ସରପଞ୍ଚ ଗଙ୍ଗା କରାମ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ସହ ମାଲକାନଗିରି ଜିଲାର ଇତିହାସ ସମ୍ପର୍କରେ ଅଧିକ ଜ୍ଞାନ ଆରୋହଣ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ପରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଦମ୍ପତିଙ୍କଠାରୁ ଲୁଟି ନେଲେ ୩ ଲକ୍ଷ

**କୋରାପୁଟ, ୩୧।୧(ସ୍ୱ.ପ୍ର.)**

ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ଉଠାଇ ନେଇ ଯାଉଥିବାବେଳେ ଦମ୍ପତିଙ୍କଠାରୁ ଟଙ୍କାବ୍ୟାଗ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଏନେଇ କୋରାପୁଟ ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ ହୋଇଛି। ଲୁଟ୍ ସ୍ଥାନରେ ଥିବା ସିସି ଟିଭି ଫୁଟେଜକୁ ଆଧାର କରି ଯାଞ୍ଚ ଚାଲିଥିବା ଥାନା ଅଧିକାରୀ ଧୀରେନ ପଟ୍ଟନାୟକ କହିଛନ୍ତି। ସହରର ଏକ ବ୍ୟାଙ୍କରୁ ୩ଲକ୍ଷ ଟଙ୍କା ଉଠାଇ ପର୍ଶୁ ମୁଦୁଲି ତାଙ୍କ ସ୍ତ୍ରୀଙ୍କ ସହିତ ଯାଉଥିବାବେଳେ ଗୁଣ୍ଡିଚା ଛକଠାରେ କେତେଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ହାତରୁ ଟଙ୍କା ବ୍ୟାଗ ଝାମ୍ପି ନେଇ ଦ୍ରୁତ ଗତିରେ ଚାଲିଯାଇଥିଲେ। ଅଭିଯୋଗ ପରେ ପୋଲିସ ସ୍ୱତନ୍ତ୍ର ଟିମ ଗଠନ କରି ସହରର ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଛି। ଖବର ଲେଖା ହେବାଯାଏ ଲୁଟେରାଙ୍କପତ୍ତା ମିଳିନାହିଁ।

# ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ପଟ୍ଟାଙ୍ଗି,୩୧।୧(ଡି.ଏନ.ଏ.)**

ପଟ୍ଟାଙ୍ଗି ବ୍ଲକ ଶିକ୍ଷା ଅଧିକାରୀଙ୍କ ଉପସ୍ଥିତରେ ଜଣେ କନିଷ୍ଠ ଶିକ୍ଷକ ଅନ୍ୟ ଜଣେ ବରିଷ୍ଠ ଶିକ୍ଷକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି। ଏନେଇ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଚନ୍ଦକା କ୍ଲଷ୍ଟର ଅଧୀନ ଚିନ୍ତଲଗୁଡା ଏନୟୁପିଏସ୍ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ଏବଂ ନିକଟରେ ସିଆରସିସି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସହକାରୀ ଶିକ୍ଷକ ରୁଦ୍ର ନାରାୟଣ ପ୍ରଧାନ ସେଠାରେ ଉପସ୍ଥିତ ଥିବା ଜଣେ ବରିଷ୍ଠ ଶିକ୍ଷକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରି ତୋର ଦରମା ବନ୍ଦ କରିବି, ତୁ କଣ କରିବୁ ବୋଲି କହି ଖରାପ ବ୍ୟବହାର କରିଥିଲେ। ଏହି ସମୟରେ ଉପସ୍ଥିତ ଶିକ୍ଷାଧିକାରୀ ନୀରବ ରହିଥିଲେ। ଏହାକୁ ଶିକ୍ଷକ ସଂଘ ଦୃଢ ନିନ୍ଦା କରିଛି। ଏନେଇ ସମ୍ପୃକ୍ତ ବ୍ଲକ ଶିକ୍ଷା ଅଧିକାରୀ ଟି. ମିନତିଙ୍କୁ ପଚାରିବାରୁ ସେ ଏପରି କିଛି ହୋଇନାହିଁ ବରଂ କିଛି ଶିକ୍ଷକ ମୋ ପ୍ରକୋଷ୍ଠକୁ ପଶି ଆସି ସିଆରସିସିଙ୍କୁ ପାଟିତୁଣ୍ଡ କରିଥିଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ଶିକ୍ଷକ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, ସେମିତି କିଛି ମୁଁ ଖରାପ ବ୍ୟବହାର କରିନାହିଁ। ଏଥିପାଇଁ ମୁଁ ଦୁଃଖିତ ବୋଲି କହିଥିଲେ।

# ୩ ଗଞ୍ଜେଇ ଚୋରା ଚାଲାଣକାରୀଙ୍କୁ ୧୦ ବର୍ଷ କାରାଦଣ୍ଡ

**ମାଲକାନଗିରି,୩୧।୧(ଡି.ଏନ୍.ଏ.)**

ମାଲକାନଗିରି ଜିଲା ଦୌରା ଜଜ୍ ଅଜନ୍ତା କୁମାରୀ ଷଡ଼ଙ୍ଗୀ ମଙ୍ଗଳବାର ଏକ ଗଞ୍ଜେଇ ଚୋରାଚାଲଣ ମାମଲାର ବିଚାରକରି ୩ଜଣଙ୍କୁ ୧୦ ବର୍ଷ ଲେଖାଏ ଜେଲଦଣ୍ଡ ଦେଇଛନ୍ତି। ଏଥିସହ ସେମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଆଉ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ପ୍ରକାଶ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ମାଲକାନଗିରି ଜିଲା ଅବକାରୀ ବିଭାଗର ଏକ ମୋବାଇଲ ଟିମ୍ ଏସ୍ଆଇ ଦିଲୀପ ନାୟକଙ୍କ ନେତୃତ୍ୱରେ ୨୦୧୯ରେ ମାଲକାନଗିରି ସଦର ଥାନା ଚମ୍ପାଖାରୀ ଗ୍ରାମ ମୁଖ୍ୟ ରାସ୍ତାରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ଦିଲ୍‌ଖୁସ୍ ନାମକ ଏକ ଘରୋଇ ବସ୍‌ରେ ୩ଟି ବ୍ୟାଗ୍‌ରେ ୪୦ କେଜି ଗଞ୍ଜେଇ ଦେଖିବାକୁ ପାଇଥିଲେ। ଯାଞ୍ଚ ବେଳେ ଏହି ଗଞ୍ଜେଇ ପଶ୍ଚିମବଙ୍ଗର ଅନିକେଶ ପ୍ରସାଦ, ସରସ୍ୱତୀ ହାଲ୍‌ଦାର, ନିଲିମା ବିଶ୍ୱାସଙ୍କର ବୋଲି ଜଣାପଡ଼ିଥିଲା। ଅବକାରୀ ବିଭାଗ କର୍ମଚାରୀ ଏହି ୩ଜଣଙ୍କୁ ଗିରଫକରି (୪୦/୧୯)ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲେ। ମାମଲାର ସମ୍ପୂର୍ଣ୍ଣ ତଦନ୍ତକରି ଏସ୍ଆଇ ଏସ୍. ଜଗା ରାଓ ଏହାର ଚାର୍ଜଶିଟ୍ ଦାଖଲ କରିଥିଲେ। ସେବେଠାରୁ ଏହି ମାମଲା ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମାମଲାକୁ ସରକାରୀ ଓକିଲ ବିଜୟ ମହାନ୍ତି ପରିଚାଳନା କରୁଥିଲେ।

# ଆନ୍ଧ୍ରରୁ ଉଦ୍ଧାର ହେଲେ ୧୭ ଦାଦନ ଶ୍ରମିକ

## ଏସ୍‌ପିଙ୍କ ହସ୍ତକ୍ଷେପ

**ଭବାନୀପାଟଣା,୩୧।୧(ସ୍ୱ.ପ୍ର.)**

ଆନ୍ଧ୍ରପ୍ରଦେଶରେ ନିର୍ଯାତିତ ହେଉଥିବା କଳାହାଣ୍ଡି ଓ କୋରାପୁଟର ଜିଲାର ୧୭ଜଣ ଦାଦନ ଶ୍ରମିକଙ୍କୁ ଭବାନୀପାଟଣା ଟାଉନ ଥାନା ପୋଲିସ ଉଦ୍ଧାର କରିଛି। ମଙ୍ଗଳବାର ସମସ୍ତ ଶ୍ରମିକଙ୍କୁ ପୋଲିସ ଭବାନୀପାଟଣା ଟାଉନ ଥାନାକୁ ଆଣି ନିଜ ଘରକୁ ପଠାଇଥିବା ଜଣାପଡିଛି। ଏଥିରେ କଳାହାଣ୍ଡି ଜିଲା ଜୟପାଟଣା, କୋକସରା ଓ ଆମପାଣି ଥାନା ଅଞ୍ଚଳର ୧୪ଜଣ ଓ ରାୟଗଡା ଜିଲା ଲକ୍ଷ୍ମୀପୁର ଅଞ୍ଚଳର ୩ଜଣ ଶ୍ରମିକ ରହିଛନ୍ତି। ଏହି ଶ୍ରମିକମାନେ ଏକ ଦଲାଲ କଥାରେ ପଡି ତାଙ୍କ ସହ ଆନ୍ଧ୍ରପ୍ରଦେଶର ଏକ ମାଛ ବ୍ୟବସାୟୀଙ୍କଠାରେ କାମ କରିବାକୁ ଯାଇଥିଲେ। ସେଠାରେ ସେମାନେ ପହଞ୍ଚିବା ପରେ ନିର୍ଯାତନାର ଶିକାର ହୋଇଥିଲେ। ପ୍ରତିଦିନ ଏହି ଶ୍ରମିକଙ୍କୁ ମାରପିଟ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ ବ୍ୟବସାୟୀ। ଏ ନେଇ ନିର୍ଯାତିତ ଶ୍ରମିକମାନେ ସମ୍ପର୍କୀୟଙ୍କୁ ଜଣାଇଥିଲେ। ସମ୍ପର୍କୀୟମାନେ କଳାହାଣ୍ଡି ଏସ୍‌ପିଙ୍କଠାରେ ଫେରାଦ ହୋଇଥିଲେ। ଏସପିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଥାନା ପୋଲିସ ଏକ ସ୍ୱତନ୍ତ୍ର ଟିମ ଆନ୍ଧ୍ରପ୍ରଦେଶକୁ ଯାଇ ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରିଥିଲା। ଏହାକୁ ନେଇ ଶ୍ରମିକମାନେ ପୋଲିସ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ୭୦ ଅଭିଯୋଗର ଶୁଣାଣିକଲେ ଜିଲାପାଳ

**ନାରାୟଣପାଟଣା,୩୧।୧(ଡି.ଏନ୍.ଏ.)**

କୋରାପୁଟ ଜିଲା ନାରାୟଣପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅବଦୁଲ ଏମ୍. ଅଖତର ଉପସ୍ଥିତ ରହି ନାରାୟଣପାଟଣା ବ୍ଲକର ବିଭିନ୍ନ ସମସ୍ୟା ନେଇ ଆସିଥିବା ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ। ମୋଟ ୭୦ ଅଭିଯୋଗର ଶୁଣାଣି ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗ ମଧରେ ଆବାସ ଘର ପାଇ ନ ଥିବା ହିତାଧିକାରୀ ଘର ପାଇବା ନେଇ ଅଭିଯୋଗ ରହିଥିଲା। ସାମୂହିକ ଅଭିଯୋଗ ଭାବେ ଭତ୍ତା, ଆବାସ ଗୃହ, ରାସ୍ତା, ପାନୀୟ ଜଳ ଏବଂ ଜଳସେଚନ ସମସ୍ୟା ନେଇ ଅଭିଯୋଗ ଥିଲା। ନାରାୟଣପାଟଣାର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଡ୍ରେନ୍ ଦୀର୍ଘଦିନ ହେବ ସଫା ନ ହେବା, ରାସ୍ତାଘାଟରେ ବୁଲୁଥିବା ଗୋରୁଙ୍କ ପାଇଁ କଞ୍ଜିଆହୁଦା ନିର୍ମାଣ କରିବା, ପିଲାଙ୍କ ଖେଳକୁଦ ପାଇଁ ଏକ ଶିଶୁ ଉଦ୍ୟାନ କରିବା ନେଇ ପ୍ରସ୍ତାବ ଆସିଥିଲା। ଜିଲାପାଳ ସମସ୍ତ ଅଭିଯୋଗ ଓ ପ୍ରସ୍ତାବ ଗ୍ରହଣକରି ସେଗୁଡ଼ିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବରିଗି ପଞ୍ଚାୟତରେ ଚାଲିଥିବା ୨ଟି ବ୍ରିଜ୍ ସହିତ ନିଲାବାଡ଼ି ବ୍ରିଜ୍ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ କୋରାପୁଟ ଏସ୍‌ପି, ପିଡି ଡିଆର୍‌ଡିଏ, ପିଏ ଆଇଟିଡିଏ, ସ୍ଥାନୀୟ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ବିଡିଓ ଅଶ୍ୱିନୀ ମହାପାତ୍ର, ତହସିଲଦାର ଯଦୁମଣି ନାୟକଙ୍କ ସମେତ ବିଭିନ୍ନ ବିଭାଗର ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ତେନ୍ତୁଳିପଦର, ବିଜାଘାଟିରେ ରୂପାନ୍ତରିତ ଚାଲିଥିବା ୫-ଟି ସ୍କୁଲକୁ ପରିଦର୍ଶନ କରିଥିଲେ। ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ରୂପାନ୍ତରିତ କାର୍ଯ୍ୟ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ କନିଷ୍ଠ ଯନ୍ତ୍ରୀ ଅକ୍ଷୟ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ।


ଅଭିଯୋଗ ଶୁଣୁଛନ୍ତି ଜିଲାପାଳ।

# ସେଣ୍ଟ ଜାଭିୟର ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**ଜୟପୁର,୩୧।୧(ନି.ପ୍ର.)**

ଜୟପୁର ଲିଙ୍ଗରାଜନଗରସ୍ଥିତ ସେଣ୍ଟ ଜାଭିୟର ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ମୋନାଲିସା ନନ୍ଦଙ୍କ ସଭାପତିତ୍ୱରେ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ବେଦବର ପ୍ରଧାନ, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଏସ୍‌ଡିପିଓ ଅଭିନୋଭ ଶଙ୍କର, ପୌରାଧକ୍ଷ ନରେନ୍ଦ୍ର ମହାନ୍ତି, ଆସିଷ୍ଟାଣ୍ଟ କଲେକ୍ଟର ଚିତ୍ତରଞ୍ଜନ ପଟ୍ଟନାୟକ ଯୋଗଦେଇଥିଲେ। ଶିକ୍ଷାର୍ଜନରେ ଶୃଙ୍ଖଳାର ଆବଶ୍ୟକତା ବହୁ ପରିମାଣରେ ରହିଛି। ଶୃଙ୍ଖଳା ସହ ପରିଶ୍ରମ ହିଁ ସଫଳତାର ଚାବିକାଠି। ଛାତ୍ରୀଛାତ୍ରମାନେ ଜୀବନରେ ସଫଳତା ପାଇବାକୁ ହେଲେ ଏହି ଦୁଇମନ୍ତ୍ରକୁ ସର୍ବଦା ମନେରଖିବା ଉଚିତ ବୋଲି ମୁଖ୍ୟ ଅତିଥି ବାହିନୀପତି କହିଥିଲେ। ଅନ୍ୟ ଅତିଥିମାନେ ଶିକ୍ଷାଦାନରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା, ଶିକ୍ଷାନୁଷ୍ଠାନର ସଫଳତାରେ ସେମାନଙ୍କ ସମୟାନୁବର୍ତ୍ତିତା ଓ ନିଷ୍ଠାପରତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତାରେ ତ୍ରିଶା ଜେନା, ସୁଗେସନା ଦତ୍ତ, ଆଶୁତୋଷ ମହାପାତ୍ର, ତାରିଣୀପ୍ରସାଦ ସାହୁ, ଦେବାଶିଷ ମହାନ୍ତି, ରୁଦ୍ରାକ୍ଷ ସାହୁ ଏବଂ ବିଜ୍ଞାନ ପ୍ରଦର୍ଶନୀରେ ଶ୍ରେଷ୍ଠ ପ୍ରକଳ୍ପର ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ନିର୍ଦ୍ଦେଶକ ସତିଶ ନନ୍ଦ ଓ ତରୁଣ ମହାପାତ୍ର ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାରେ ଆନନ୍ଦଙ୍କୁ ରୌପ୍ୟ

**ସୁନାବେଡ଼ା,୩୧।୧(ସ୍ୱ.ପ୍ର.)**

ଓଡ଼ିଶା ରାଜ୍ୟ କରାଟେ ସଂଘ ପକ୍ଷରୁ ଆୟୋଜିତ ୩୪ତମ ରାଜ୍ୟସ୍ତରୀୟ ୨୧ ବର୍ଷରୁ କମ୍ ଏବଂ ସିନିୟର କରାଟେ ପ୍ରତିଯୋଗିତା ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସୁନାବେଡ଼ା ଉତ୍କଳ କରାଟେ ସ୍କୁଲର ଜାତୀୟ ଖେଳାଳି ଆନନ୍ଦ ଚନ୍ଦ୍ର ବିହାରୀ ଏଥିରେ ଭାଗନେଇ ସିନିୟର ଫାଇଟ ବିଭାଗରେ ୬୦ ବର୍ଗରେ ରୌପ୍ୟପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ଅଫିସିଆଲ ଭାବେ ଜାତୀୟ ରେଫରି ଭାବେ ସୁନାବେଡ଼ା ଉତ୍କଳ କରାଟେ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ଷଷ୍ଠ ଡନ୍ ବ୍ଲାକ୍‌ବେଲ୍ଟ ସିହାନ ମହେଶ ଚନ୍ଦ୍ର ବରାଳ ଯୋଗଦେଇଥିଲେ। ଆନନ୍ଦଙ୍କ ସଫଳତାରେ ସ୍କୁଲ ସଭାପତି ମନୋଜ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି।



କୋଚଙ୍କ ସହ ଆନନ୍ଦ।

# ଛାତ୍ରୀଛାତ୍ରଙ୍କ ମନରେ ସେବା ମନୋଭାବ ସୃଷ୍ଟି ନେଇ ପରାମର୍ଶ

## ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଜୟପୁର,୩୧।୧(ନି.ପ୍ର.)**

ବିଦ୍ୟାଳୟ ସ୍ତରରୁ ରେଡ୍‌କ୍ରସ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ଓ ଜିଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଜିଲା ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତାମାନଙ୍କ ୩ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ସୁନାନୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା କନିଷ୍ଠ ରେଡ୍‌କ୍ରସ୍ ଉପାଧକ୍ଷା ଅର୍ପିତା ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ବେହେରା ଓ ସେବାନିବୃତ୍ତ ପ୍ରଧାନ ଶିକ୍ଷକ ଜଳନ୍ଧର ବାଘ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ନିଜ ବିଦ୍ୟାଳୟରେ ରେଡ୍‌କ୍ରସ୍ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ଛାତ୍ରୀଛାତ୍ରଙ୍କ ମନରେ ସେବା ମନୋଭାବ ଉଦ୍ରେକ ପାଇଁ ପରାମର୍ଶ ଦେଇଥିଲେ। ଜିଲା କନିଷ୍ଠ ରେଡ୍‌କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ସୂଚନା ଓ ଅତିଥି ପରିଚୟ ଦେଇଥିଲେ। ପରେ ଶିବିରାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଦୀପ୍ତି କନ୍‌ଭେଣ୍ଟ ସ୍କୁଲର ଶିକ୍ଷୟିତ୍ରୀ ଆସ୍‌ତି ନାମ୍ବିଆର ଓ ବୋରିଗୁମ୍ମା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଶୁଭଶ୍ରୀ ଶୁଭଦର୍ଶନ ଜେନା ଶ୍ରେଷ୍ଠ ଶିବିରାର୍ଥୀ ଭାବେ ପୁରସ୍କୃତ ହୋଇଥିଲେ। ପରାମର୍ଶଦାତା ସଞ୍ଜୀବ ବିଶୋୟୀ ଧନ୍ୟବାଦ ଦେଇଥିଲେ। ସୂଚନାଯୋଗ୍ୟ, ଏଠାରେ ହୋଇଥିବା ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ପ୍ରଫେସର ଡାକ୍ତର ଗୋପାଳକୃଷ୍ଣ ନାୟକ, ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ବେହେରା, ବନ୍ଧୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ ମିଶ୍ର ଯୋଗଦେଇ ରେଡ୍‌କ୍ରସ୍‌ର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ରେଡ୍‌କ୍ରସ୍‌ର ଭୂମିକା କ୍ଷେତ୍ରରେ ପରାମର୍ଶଦାତାଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲା ଜୁନିୟର ରେଡ୍‌କ୍ରସ୍ ସମ୍ପାଦକ ଭୀମ ବେହେରା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ, ଜିଲା ସାଧନକର୍ମୀ ଜ୍ୟୋତିରଞ୍ଜନ ନନ୍ଦ, ହରେକୃଷ୍ଣ ମହାରଣା, ନବଘନ ରାଉତ ଏବଂ କୋରାପୁଟ ଓଡ୍ରାଫର ସାଧନକର୍ମୀ ଆଲୋକ ପାଣି ଓ ସନ୍ତୋଷ ପଣ୍ଡା ଯୋଗଦେଇ ରେଡ୍‌କ୍ରସ୍‌ର ଇତିହାସ,ମୌଳିକ ନୀତି, ପ୍ରତିଷ୍ଠାତାଙ୍କ ଜୀବନୀ, ରେଡ୍‌କ୍ରସ୍ ଚିହ୍ନ, ବିଦ୍ୟାଳୟ ଜୁନିୟର ରେଡ୍‌କ୍ରସ୍ ପରିଚାଳନା କମିଟି, ରକ୍ତଦାନ ଓ ଏଡ୍‌ସ ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଉପରେ ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଜିଲାର ୧୪ଟି ବ୍ଲକରୁ ୩୦ ଜଣ ପରାମର୍ଶଦାତା ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ ହୋଇ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ସଂକ୍ଷେପରେ

### ପ୍ରିୟରଞ୍ଜନ ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏକ୍ସପୋର୍ଟ ମେମ୍ବର

**ଝରିଗାଁ, ୩୧।୧(ସ୍ୱ.ପ୍ର.):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଯୁବନେତା ପ୍ରିୟରଞ୍ଜନ ଦାସଙ୍କ ଜିଲା ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଏକ୍ସପୋର୍ଟ ସଦସ୍ୟଭାବେ ଚୟନ କରାଯାଇଛି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ନବରଙ୍ଗପୁର ଜିଲା ବିଜେଡି ସଭାପତି ତଥା ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି, ଉଠା ଜଳସେଚନ ନିଗମ ପରାମର୍ଶଦାତା ପ୍ରମୋଦ ପାଢ଼ୀଙ୍କୁ କୃତଜ୍ଞତା ଜଣାଇଛନ୍ତି। କର୍ମୀମାନଙ୍କ ସହ ଉତ୍ତମ ସମନ୍ୱୟ ରକ୍ଷାକରି ଦଳର ସଂଗଠନକୁ ଆହୁରି ସୁଦୃଢ଼ କରିବେ ବୋଲି ସେ ମତ ଦେଇଛନ୍ତି।

### ଅଟୋ ଚାଳକଙ୍କୁ ସଚେତନକଲା ପୋଲିସ

**ରାୟଗଡ଼ା,୩୧।୧(ସ୍ୱ.ପ୍ର.):** ରାୟଗଡ଼ା ସହର ଓ ଏହାର ଚାରିପାର୍ଶ୍ୱରେ ପ୍ରତିଦିନ ବୁଲୁଥିବା ଅଟୋ ଚାଳକଙ୍କୁ ପୋଲିସ ସୋମବାର ସଚେତନ କରିଛି। ରାୟଗଡ଼ା ଥାନା ପରିସରରେ ଏକ ବୈଠକ ଡକାଯାଇ ଚାଳକମାନଙ୍କୁ ସଚେତନ କରାଯାଇଛି। ମୁଖ୍ୟତଃ ଓଭରଲୋଡିଂ ବନ୍ଦ କରିବା ଏବଂ ଟ୍ରାଫିକ ନିୟମ ମାନି ଅଟୋ ଚଳାଇବାକୁ ପୋଲିସ ସଚେତନ କରିଛି। ସେହିଭଳି ଅଟୋ ଚାଳନା ସମୟରେ ଗାଡ଼ିର ସମସ୍ତ କାଗଜପତ୍ର ପାଖରେ ରଖିବାକୁ ପୋଲିସ ନିର୍ଦ୍ଦେଶ ଦେଇଛି । ମୁଖ୍ୟତଃ ଅଟୋ ଗୁଡ଼ିକରେ ଯଦି ଅଧିକ ସଂଖ୍ୟକ ସ୍କୁଲ ପିଲାଙ୍କୁ ପରିବହନ କରାଯାଏ ତେବେ ଅଟୋକୁ ଜବତ କରାଯିବା ସହ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯିବ ବୋଲି ପୋଲିସ ତରଫରୁ ସ୍ପଷ୍ଟ କରାଯାଇଛି। ଦୁର୍ଘଟଣା ରୋକିବା ସହ ସଡ଼କ ସୁରକ୍ଷା ସମସ୍ତ ଗାଡ଼ି ଚାଳକଙ୍କ କର୍ତ୍ତବ୍ୟ ବୋଲି ପୋଲିସ କହିଛି। ଏହିସବୁ ସଚେତନତାକୁ ଦୃଷ୍ଟିରେ ରଖି ପୋଲିସ ଉକ୍ତ ବୈଠକ ସୋମବାର ରାୟଗଡ଼ା ଥାନା ପରିସରରେ ଆୟୋଜନ କରିଥିଲା। ଏସ୍‌ଡିପିଓ ଦେବଜ୍ୟୋତି ଦାସ ଓ ଆଇଆଇସି ରଶ୍ମିରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବୈଠକ ହୋଇଥିଲା। ଶତାଧିକ ଅଟୋ ଚାଳକ ବୈଠକରେ ଉପସ୍ଥିତ ଥିଲେ।

### ଚକ୍ଷୁ ଚିକିତ୍ସା ଶିବିର

**ଦୁର୍ଗୀ,୩୧।୧(ଡି.ଏନ୍.ଏ.):** ବିଷମକଟକ ବ୍ଲକ ଦୁର୍ଗୀ ପଞ୍ଚାୟତ କାର୍ଯ୍ୟାଳୟ ମିଶନ ଶକ୍ତି ଗୃହଠାରେ ସୋମବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ବିଜୟ କୁମ୍ବୁରୁକା, ସମିତ ସଭ୍ୟ ଓ ୱାର୍ଡମେମ୍ବର ଉପସ୍ଥିତ ରହି ଶିବିରର ଶୁଭାରମ୍ଭ କରିଥିଲେ। ଏଥିରେ ଦୁର୍ଗୀ, କୁମ୍ଭାର ଡୁମୁନେଲି ଗ୍ରାମର ବୟସ୍କ ଲୋକ ଏବଂ ଅଳ୍ପ ବୟସରେ ଆଖି ସମସ୍ୟା ଭୋଗୁଥିବା ଲୋକଙ୍କ ଚିକିତ୍ସା କରାଯାଇଥିଲା। ଭୁବନେଶ୍ୱରସ୍ଥିତ କେୟାର ନେତ୍ରମ୍‌ର ଡା. ସୁବଳ ମଲ୍ଲଙ୍କ ନେତୃତ୍ୱରେ ଶିବିର ପରିଚାଳନା ହୋଇଥିଲା। ଜିଭିଟି ସୋନିଆ ଉର୍ମା, ରମ୍ଭା ମହାନ୍ତ ଓ ଲକ୍ଷ୍ମୀ ଭୋଇ ସହଯୋଗ କରିଥିଲେ।

### କରୋନା ସହାୟତା କହି ଲୋକଙ୍କୁ ଠକେଇ ଅଭିଯୋଗ

**ଟିକିରି, ୩୧।୧(ଡି.ଏନ୍.ଏ.):** କୋଭିଡ୍ ସହାୟତା ଦେବାକୁ କହି ଆଧାରକାର୍ଡ, ଫିଙ୍ଗର ପ୍ରିଣ୍ଟ ଓ ବ୍ୟାଙ୍କ ପାସ୍‌ବୁକ୍ ନେଉଥିବା ୨ ଜଣ ଯୁବକଙ୍କୁ ଗ୍ରାମବାସୀ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କୁ ପଚରାଉଚରା କରି ଛାଡିଦେଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଓ ମାଇକଞ୍ଚ ପଞ୍ଚାୟତ ଅଧୀନ କାକଲିପଦରେ ୨ଜଣ ଯୁବକ ସୋମବାର ଅପରାହ୍ଣରେ ଗାଁରେ ପହଞ୍ଚିଥିଲେ। ଯେଉଁମାନେ କୋଭିଡ୍ ଭାକ୍ସିନ୍ ନେଇଛନ୍ତି ସେମାନଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଦିଆଯାଉଥିବା ସମ୍ପୃକ୍ତ ଯୁବକମାନେ କହି ଗ୍ରାମବାସୀଙ୍କ ପାସ୍ ବୁକ୍, ଆଧାର କାର୍ଡ ମାଗିବା ସହ ଫିଙ୍ଗ୍ ପ୍ରିଣ୍ଟ ନେଇ ଥିଲେ। ସମ୍ପୃକ୍ତ ୨ ଯୁବକଙ୍କ ଉପରେ ସନ୍ଦେହ ହେବାରୁ ଗ୍ରାମବାସୀ ସେମାନଙ୍କୁ ଅଟକ ରଖି ନିକଟସ୍ଥ ଅନ୍ତିରାକଞ୍ଚ ଥାନାକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛନ୍ତି। ଫିଙ୍ଗର ପ୍ରିଣ୍ଟ ଦେଇଥିବା ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ କିଛି ଟଙ୍କା ଗାଏବ ହୋଇଥିବା କାକଲିପଦ ଗ୍ରାମବାସୀ କହିଛନ୍ତି ।

# ଜିଲାରେ ଗଠନ ହେବ ଆଦର୍ଶ କୃଷିଭିତ୍ତିକ ଗାଁ

## ପାପଡ଼ାହାଣ୍ଡି, ଉମରକୋଟର ଦୁଇଟି ଗାଁ ଚୟନ

**ନବରଙ୍ଗପୁର,୩୧।୧(ବି.ପ୍ର.)**

ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅନ୍ୟା ଦାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲାରେ ଦୁଇଟି ଗାଁକୁ ନେଇଁ ଆଦର୍ଶ କୃଷି ଭିତ୍ତିକ ଗାଁ ଗଠନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ଗୋଷ୍ଠୀ ଉନ୍ନୟନ ବିଭାଗକୁ ନେଇ କାର୍ଯ୍ୟ ଆରମ୍ଭ ହେବ ବୋଲି ବୈଠକରେ ଆଲୋଚନା ହୋଇଛି।

ଡ୍ରେନେଜ, ଜଳସେଚନ, ଡ୍ରିପ ବ୍ୟବସ୍ଥାରେ କମ ପାଣିରେ କୃଷିକାର୍ଯ୍ୟ, ନୂତନ ଜ୍ଞାନ କୌଶଳ ମାଧ୍ୟମରେ କୃଷି କାର୍ଯ୍ୟ, ଚାଷ ଜମି ବ୍ୟତୀତ ଅଣ ଚାଷଜମିକୁ ଉନ୍ନତ କରାଯାଇ ସେଠାରେ ମଧ୍ୟ ଚାଷୀ ଯେପରି ଫଳ, ପନିପରିବା, ମାଛ ଚାଷ ସହ ଅଣ ପାରମ୍ପାରିକ ଲାଭଦାୟକ ଫସଲ କରିପାରିବେ ସେ ନେଇ ଆଲୋଚନା କରାଯାଇଛି। ଏନେଇ କମିଟି ଗଠନ କାରାଯିବ। ଆତ୍ମା ଓ ଜିଲା କୃଷି ବିଭାଗ ପକ୍ଷରୁ ଏକ ସର୍ଭେ ହେବ। ସର୍ଭେ ରିପୋର୍ଟ ଆସିବା ପରେ ଡିପିଆର ପ୍ରସ୍ତୁତ ହୋଇ ସରକାରଙ୍କ ଆନୁମୋଦନ ପାଇଁ ପଠାଯିବ। ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡ଼କରିବେଡା ଓ ଉମରକୋଟ ବ୍ଲକ ମହୁଲଭଟା ଦୁଇଟି ଗାଁକୁ ଆଦର୍ଶ କୃଷି ଭିତ୍ତିକ ଗାଁ (ମଡେଲ ଏଗ୍ରିକଲଚର ଭିଲେଜ) ଭାବେ ଗଠନ କରାଯିବ। ନବରଙ୍ଗପୁର ଜିଲାର ଉକ୍ତ ଦୁଇଟି ଗାଁକୁ କୃଷି ପର୍ଯ୍ୟଟନ ଭାବେ ଜିଲା ପ୍ରଶାସନ ଗଢି ତୋଳିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ବିଶାଖାପାଟଣା-ରାୟପୁର ଭାରତମାଳା ସଡକ ପଥ କାମ ଚାଲିଛି। ନବରଙ୍ଗପୁର ଜିଲା ଏହି ସଡ଼କର ମଧ ଭାଗରେ ରହିଛି। କୃଷି ପର୍ଯ୍ୟଟନ କ୍ଷେତ୍ର ଓ କୃଷିକ୍ଷେତ୍ରରେ ଉତ୍ପାଦ ବୃଦ୍ଧି ପାଇଲେ କୃଷକ ଓ ଚାଷୀଙ୍କ ଆର୍ଥିକ ଓ ସାମାଜିକ କ୍ଷେତ୍ରର ବୃଦ୍ଧି ଘଟିବ। ଜିଲାର ଅର୍ଥନୈତିକ ଅଭିବୃଦ୍ଧି ହେବ। ରାୟପୁର ଓ ବିଶାଖାପାଟଣା ଭଳି ଦୁଇଟି ବଡ଼ ବଜାର ସୁବିଧା ନବରଙ୍ଗପୁର ଜିଲାକୁ ସହାୟକ ହେବ ବୋଲି ପ୍ରଶାସନ ପକ୍ଷରୁ କୁହଯୋଇଛି। ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲା ମୁଖ୍ୟ କୃଷି ଅଧିକାରୀ ଜି.ଭେଙ୍କେଟ ରେଡ୍ଡୀ, ଜଳଛୟା ପ୍ରକଳ୍ପର ସନ୍ତୋସ ବିଶ୍ୱାଳ, ଓଏଲ୍‌ଏମର ସୁନୀଲ ପ୍ରଧାନ, ଜିଲା ମତ୍ସ୍ୟ ବିଭାଗ ଅଧିକାରୀ ଜି.ଜଗଦୀଶ ରାଓ, ଗ୍ରାମୀଣ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ଦୁଷ୍ମନ୍ତ ବାରିକ, ବିରେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ପାର୍କିଂ ବ୍ୟବସ୍ଥା, ଯାତ୍ରୀ ପ୍ରତୀକ୍ଷାଳୟ ଦାବି

## ବିଶାଖାପାଟଣା ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପଠାଇଲା ସୀମାନ୍ତ ରେଳ ଉପଭୋକ୍ତା ସୁରକ୍ଷା ମଞ୍ଚ

**ଗୁଣପୁର, ୩୧।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ସୀମାନ୍ତ ରେଳ ଉପଭୋକ୍ତା ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଦାବିପତ୍ର ବିଶାଖାପାଟଣା ଡିଆର୍‌ଏମ୍‌ଙ୍କୁ ପଠାଯାଇଛି। ଏଥିରେ ଗୁଣପୁର ରେଲୱେ ଷ୍ଟେଶନରେ ଯାତ୍ରୀମାନେ ଭୋଗୁଥିବା ସମସ୍ୟା ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଏହାର ପ୍ରତିକାର ନିମନ୍ତେ ଦାବି କରାଯାଇଥିବା ମଞ୍ଚ ଆବାହକ ସୁନୀଲ ଦାଶ କହିଛନ୍ତି।

ଗୁଣପୁର ଷ୍ଟେଶନ ସମ୍ମୁଖ ଫାଟକ ନିକଟରେ ଗାଡ଼ି ମୁଖ୍ୟତଃ ଅଟୋଗୁଡ଼ିକ ରାସ୍ତା ଜାମ୍ କରୁଥିବାରୁ ଯାତ୍ରୀଙ୍କ ଯିବା ଆସିବା କରିବାରେ ଅସୁବିଧା ହେଉଛି। ରେଲୱେ ଜମିରେ ପାର୍କିଂ ବ୍ୟବସ୍ଥା କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ବିଳମ୍ବିତ ରାତିରେ ମେମୋ ଟ୍ରେନ୍‌ରେ ଯାତାୟାତ କରୁଥିବା ବାହାର ଗ୍ରାମର ଯାତ୍ରୀମାନେ ସକାଳ ପର୍ଯ୍ୟନ୍ତ ଷ୍ଟେଶନରେ ଅପେକ୍ଷା କରୁଛନ୍ତି। ତେଣୁ ସେମାନଙ୍କ ନିମନ୍ତେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ, ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ଷ୍ଟେଶନରେ ରେଲୱେ ପୋଲିସ ମୁତୟନ କରିବାକୁ ମଞ୍ଚ ପକ୍ଷରୁ ଦାବି ହୋଇଛି। ମେମୋ ଏବଂ ବିଶାଖାପାଟଣା ଗାଡ଼ିକୁ ପ୍ରଥମ ଲାଇନରେ ରଖିବା ବ୍ୟବସ୍ଥା, ଷ୍ଟେଶନରେ ଗାଡ଼ି ପହଞ୍ଚିବା ପରେ ଏହାର ବଗି ପରିବର୍ତ୍ତନ କରିବା ଓ ଶୌଚାଳୟକୁ ନିୟମିତ ସଫା କରିବା ଏବଂ ବଗିରେ ପାଣି ଭରିବା ଭଳି ବ୍ୟବସ୍ଥାଗୁଡ଼ିକ ପ୍ରତି ଦୃଷ୍ଟିଦେଇ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଏହି ପତ୍ରକୁ ଡିଆର୍‌ଏମ୍‌ଙ୍କୁ ପ୍ରେରଣ କରାଯାଇଥିବା ମଞ୍ଚ ସଞ୍ଚାଳକ ସୂର୍ଯ୍ୟପ୍ରକାଶ ପଟ୍ଟନାୟକ କହିଛନ୍ତି।

# ଟଙ୍କା ନ ଦେବାରୁ ପରୀକ୍ଷାରେ ବସିପାରିଲେ ନାହିଁ

- ଶିକ୍ଷକ, ସ୍କୁଲ କର୍ମଚାରୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ଛାତ୍ରୀ
- ଅଭିଯୋଗକୁ ଖଣ୍ଡନ କଲେ ଶିକ୍ଷକ

**କୋଷାଗୁମୁଡ଼ା, ୩୧।୧(ଡି.ଏନ୍.ଏ.)**

ଶିକ୍ଷକ ଓ ସ୍କୁଲ କିରାଣୀ ବାରମ୍ବାର ଟଙ୍କା ମାଗୁଥିଲେ। ଗରୀବ ଶ୍ରେଣୀର ହୋଇଥିବାରୁ ତାହା ଦେବା ମୋ ପକ୍ଷେ ସମ୍ଭବ ନ ଥିଲା। ଏହାର ଫଳ ସ୍ୱରୂପ ପ୍ରଥମ ସମ୍ମେଟିଭ ପରିକ୍ଷା ଦେଇନାହିଁ। ତେଣୁ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ମଧ ଦେଇପାରିବିନ ନାହିଁ ବୋଲି ଅଭିଯୋଗ କରିଛନ୍ତି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଧୀନ କୋଟାଗାଁ ବୀର ଚାଉଁରିଆ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ତୁଳାବତୀ ହରିଜନ। ତାଙ୍କ ଘର ଝାଡ଼ଖଣ୍ଡାପୁରୀ ଗ୍ରାମରେ। ଅଭିଯୋଗକୁ କିନ୍ତୁ ସ୍କୁଲ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି। ବିଦ୍ୟାଳୟ ଶିକ୍ଷକ ରବୀନ୍ଦ୍ର କୁମାର ଜେନା ଏବଂ କିରାଣୀ ଦେବରାଜ କୁମାର ଭୂୟାଁ ବାରମ୍ବାର ଘରକୁ ଆସି ଟଙ୍କା ଓ କୁକୁଡା ମାଗୁଥିଲେ। ଟଙ୍କା ନ ଦେଲେ ପରିକ୍ଷା ଦେଇ ହେବନାହିଁ ସେମାନେ କହିଥିଲେ ବୋଲି ଛାତ୍ରୀ ଜଣଙ୍କ ଅଭିଯୋଗ କରିଛନ୍ତି। ସେ ଦିନଠାରୁ ସେ ମାନସିକସ୍ତରରେ ଠିକ୍ ନାହାନ୍ତି। ସମ୍ମେଟିଭ ଦେଇ ନ ଥିବାରୁ ଏବେ ଆଉ ବୋର୍ଡ ପରୀକ୍ଷା ଦେଇ ପାରିବେ ନାହିଁ ବୋଲି ଛାତ୍ରୀ ଜଣଙ୍କ କହିଛନ୍ତି। ଏହି ଭଳି ସମସ୍ତ ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ଆଦାୟ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କୁ ପଚାରିବାରୁ ଟଙ୍କା ଟିଏ ମଧ କାହାଠାରୁ ନିଆଯାଇ ନାହିଁ। ଛାତ୍ରୀଙ୍କ ଫର୍ମ ଫିଲ୍‌ଅପ୍ ହେଇଛି ଓ ଆଡମିଟ କାର୍ଡ ବାହାରିଛି। ସେ ପରୀକ୍ଷା ଦେବା ପାଇଁ ଆସିନାହାନ୍ତି ବୋଲି ପ୍ରଧାନ ଶିକ୍ଷକ କହିଛନ୍ତି। ଘଟଣାସମ୍ପର୍କରେ ଶିକ୍ଷକ ରବୀନ୍ଦ୍ର କୁମାର ଜେନାଙ୍କୁ ପଚାରିବାରୁ ସେ ଛାତ୍ରୀଙ୍କ ଘରକୁ ଯିବା କଥା ସ୍ୱୀକାର କରିଛନ୍ତି। କିନ୍ତୁ ଛାତ୍ରୀଙ୍କୁ ପରିକ୍ଷା ଦେବା ପାଇଁ ଡାକିବାକୁ ଯାଇଥିଲି ବୋଲି ସେ କହିଛନ୍ତି। କିରାଣୀ ଦେବରାଜ ଭୂୟାଁ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ସେ ଛାତ୍ରୀଙ୍କ ଘରକୁ ଯାଇ ନାହାନ୍ତି ବୋଲି କହିଛନ୍ତି।

### ଭାଲୁ କାମୁଡ଼ାରେ ବୃଦ୍ଧ ଗୁରୁତର

**ପାପଡାହାଣ୍ଡି /ମୈଦଲପୁର, ୩୧।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଗାଦାକତରା ଗ୍ରାମର ନରସିଂହ ଗାଦବା ( ୫୫ ) ମଙ୍ଗଳବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ମୈଦଲପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ନରସିଂହ ମଙ୍ଗଳବର ସକାଳେ ନିକଟସ୍ଥ ଜଙ୍ଗଲରେ ଦାନ୍ତକାଠି ଓ ଜାଳେଣି ଆଣିବାକୁ ଯାଇଥିଲେ। ଜଙ୍ଗଲ ଭିତରେ ଲୁଚିରହିଥିବା ଭାଲୁ ବୃଦ୍ଧଙ୍କୁ ଦେଖି ଅତର୍କିତ ଆକ୍ରମଣ କରି ତାଙ୍କୁ କାମୁଡି ପକାଇ ଥିଲା। ଦୀର୍ଘ ସମୟ ଧରି ଭାଲୁ କବଳରୁ ରକ୍ଷା ପାଇବାକୁ ସଂଘର୍ଷ କରି ସେ ଏକ ଗଛରେ ଚଢ଼ିଯାଇଥିଲେ। ପରେ ଭାଲ ସେ ସ୍ଥାନ ଛାଡି ପଳାଇବାପରେ ନରସିଂହ ଘରକୁ ଆସିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ବନବିଭାଗ ଓ ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା ଦେବାକୁ ଦାବି ହୋଇଛି।

# ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଝରିଗାଁ, ୩୧।୧(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ବୈଠକ କରାଯାଇଛି। ଓଡ଼ିଆ ଅଧ୍ୟାପକ ଗୋପାଳ ମହାରଣା, ଇଂରାଜୀ ଅଧ୍ୟାପକ ଶଙ୍କର କୁମାର ନାଲା, ରାଜନୀତି ବିଜ୍ଞାନ ଅଧ୍ୟାପକ ସନ୍ତୋଷ କୁମାର ଖିଲାର ଓ ଗ୍ରନ୍ଥାଗାରିକ ମନୋଜ କୁମାର ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ। ସେମାନେ ଆତ୍ମରକ୍ଷାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ତାଲିମଦାତାଭାବେ ପ୍ରମିତା ମାଝି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଭାବେ ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଏହାପରେ ତାଲିମ ନେଇଥିବା ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ବହି ବାବଦକୁ ଟଙ୍କା ମଗାଯାଉଥିବା ଅଭିଯୋଗ



ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀ ଏବଂ ଅଭିଭାବକମାନେ।

**ଉମରକୋଟ, ୩୧।୧(ସ୍ୱ.ପ୍ର.)**

ପିଲାଙ୍କୁ ସ୍କୁଲ ଆଣିବାକୁ ସରକାର ମାଗଣାରେ ବହି, ଖାଦ୍ୟ, ପୋଷାକ ଆଦି ଯୋଗାଉଛନ୍ତି। କିନ୍ତୁ ସରକାରୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାଗଣାରେ ବହି ଯୋଗାଇବା ପରିବର୍ତ୍ତେ ଟଙ୍କା ନେଉଛନ୍ତି। ଏପରି ଅଭିଯୋଗ ଆସିଛି ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ରାଜପୁର ପଞ୍ଚାୟତ ଡଙ୍ଗରୀ ଗୁଡା ରାଜପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ। ବିଦ୍ୟାଳୟର ପିଲାଙ୍କଠାରୁ ବହି ଯୋଗାଇବା ବାବଦକୁ ପ୍ରଧାନ ଶିକ୍ଷକ ଟଙ୍କା ଆଦାୟ କରୁଥିବା ଦଶମ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ବିଗତ ବର୍ଷ ମାନଙ୍କରେ ମାଟ୍ରିକ୍ ପାସ କରିଥିବା ପିଲାମାନଙ୍କଠାରୁ ଆଡମିଟ୍ କାର୍ଡ ବାବଦକୁ ୩ଶହ ଓ ପାସ୍ ହେବାପରେ ସାର୍ଟିଫିକେଟ ନେବାବେଳେ ୫ଶହ ଟଙ୍କା ପ୍ରଧାନ ଶିକ୍ଷକ ନେଉଥିବା ଅଭିଭାବକ ଅଭିଯୋଗ ଆଣିଛନ୍ତି। ଏ ନେଇ ସ୍କୁଲ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଜନୀକାନ୍ତ ମାନାଙ୍କୁ ପଚାରିବାରୁ ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପିଲାଙ୍କଠାରୁ ବହି ପରିବହନ ଖର୍ଚ୍ଚ ବାବଦକୁ ମାତ୍ର ୨୦ ଟଙ୍କା ଲେଖାଏ ଆଦାୟ କରାଯାଇଥିବା ସେ କହିଛନ୍ତି। ଅନ୍ୟ ଅଭିଯୋଗ ଭିତ୍ତିହରନ ବୋଲି ସେ କହିଛନ୍ତି।

### ଗୁଣପୁରରେ କବିତା ଆସର

**ଗୁଣପୁର, ୩୧।୧(ଡି.ଏନ୍.ଏ)**

ରାୟଗଡା ଜିଲା ଗୁଣପୁରର ଏକାଦଶତମ ବଂଶଧାରା ବସନ୍ତ ମହୋତ୍ସବ ସୃଜନୀମୁକ୍ତ ରଙ୍ଗ ମଞ୍ଚରେ ମଙ୍ଗଳବାର କବିତା ଆସର ଅନୁଷ୍ଠିତ ହୋଇଛି। ନବନିର୍ମାଣ ସମିତି ଅଧ୍ୟକ୍ଷ ଅକ୍ଷୟ ଦାଶ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଲାବଣ୍ୟ ଶବର ମୁଖ୍ୟ ଅତିଥି, ପ୍ରତାପ ରାୟ, ସୀମାଞ୍ଚଳ କର, ଡଃ ସତ୍ୟନାରାୟଣ ରଥ ଓ ସୁଜନ ମଲ୍ଲିକ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ବେବୀ ରାଣୀ ନନ୍ଦ ଓ ପ୍ରମୋଦ ପଣ୍ଡା କବିତା ସଂଯୋଜନା କରିଥିଲେ। ଅଶ୍ୱିନୀ ତ୍ରିପାଠୀ ସ୍ୱାଗତ ଭାଷଣ ଓ ବଂଶଧାରା ସାହିତ୍ୟ ସମାଜ ସମ୍ପାଦକ ରମେଶ ମିଶ୍ର ଧନ୍ୟବାଦ ଦେଇଥିଲେ। ମୋଟ ୫୫ଟି କବିତା ପାଠ କରାଯାଇଛି। ଏହି କବିତା ଆସରକୁ ରାୟଗଡ଼ା ଓ ଗଜପତି ଜିଲାର ବହୁ କବି ଯୋଗ ଦେଇଥିଲେ। ସମସ୍ତ କବିଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# ଝାଡ଼ା ବାନ୍ତିରେ ୨ ଆକ୍ରାନ୍ତ



**ପାପଡାହାଣ୍ଡି,୩୧।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଘାଟଗୁଡା ପଂଚାୟତ କାଳିଆଗୁଡ଼ା ଗ୍ରାମରେ ଝାଡା ବାନ୍ତି ଦେଖାଦେଇଛି। ଏଥିରେ ଗ୍ରାମର ଗୋଟିଏ ପରିବାରର ୨ ଜଣ ଆକ୍ରାନ୍ତ ହୋଇ ପାପଡାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ରାତ୍ରି ଭୋଜନରେ ଖାଇଥିବା କୌଣସି ଖାଦ୍ୟରେ ବିଷକ୍ରିୟେ ଯୋଗୁ ଏପରି ହୋଇଥିବା ସନ୍ଦେହ କରାଯାଉଛି। ଆକ୍ରାନ୍ତମାନେ ହେଲେ ଗାଁର ମୁକ୍ତା ଭତରା ଓ ଗୋରି ଭତରା। ସୋମବାର ରାତିରୁ ଦୁଇ ଜଣଙ୍କ ଝାଡା ବାନ୍ତି ଆରମ୍ଭ ହୋଇଥିଲା। ରାତିରେ ସେମାନେ ଶୁଖୁଆ ଖାଇଥିବା କହିଛନ୍ତି। ଝାଡା ବାନ୍ତି ହେବାରୁ ସେମାନଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରପାଇ ମେଡିକାଲ ଟିମ ସଜାଗ ହୋଇ ରହିଛନ୍ତି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତର ମନସ୍ୱିତା ସେଠି କହିଛନ୍ତି।

# ମେଘାଳୟ ଯିବେ ବିଷମକଟକର ୩ ଖେଳାଳି

## ବିଶ୍ୱବିଦ୍ୟାଳୟସ୍ତରୀୟ ହ୍ୟାଣ୍ଡବଲ ଟିମ୍‌ରେ ମିଳିଛି ସ୍ଥାନ

**ବିଷମକଟକ, ୩୧।୧(ଡି.ଏନ୍.ଏ.)**

ରାୟଗଡା ଜିଲା ବିଷମକଟକରେ ଥିବା ମା ମାର୍କମା ମହାବିଦ୍ୟାଳୟର ତିନି ଜଣ ଖେଳାଳି ଆନ୍ତ ୟୁନିଭର୍ସିଟି ହ୍ୟାଣ୍ଡବଲ ଦଳରେ ସ୍ଥାନ ପାଇଛନ୍ତି। ବୁଧବାର ସେମାନେ ମେଘାଳୟ ଯିବେ। ବିଷମକଟକ ମାର୍କମା ମହାବିଦ୍ୟାଳୟର ଯୁକ୍ତ ୩ରେ ଅଧ୍ୟୟନ କରୁଥିବା କୃଷ୍ଣ ତିଆକା, ରଣେଶ ହିକକା, ଆକାଶ ମୁଦୁଲି ଓଡ଼ିଶା ଟିମ୍‌ରେ ସ୍ଥାନ ପାଇଛନ୍ତି। ଖେଳାଳିମାନେ ୨ ମାସ ହେବ ଅନବରତ ଅଭ୍ୟାସ କରୁଥିଲେ ବୋଲି କ୍ରୀଡ଼ା ଶିକ୍ଷକ କହିଛନ୍ତି। ଜିଲା ହ୍ୟାଣ୍ଡବଲ ସମ୍ପାଦକ ଶୁଭେନ୍ଦୁ ନାରାୟଣ ଚୌଧୁରୀ ଓ ବିଷମକଟକ ମହାବିଦ୍ୟାଳୟ ପ୍ରିନ୍ସିପାଲ ବି. ରବିଶଙ୍କର ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ମେଘାଳୟ ଯିବା ପାଇଁ ବାହାରିଥିବା ବିଷମ କଟକର ୩ ଖେଳାଳି।

# ରେଡ୍‌କ୍ରସ୍ ପାଣ୍ଠିର ଅଭିବୃଦ୍ଧି ଉପରେ ଗୁରୁତ୍ୱ

**ନବରଙ୍ଗପୁର,୩୧।୧(ବି.ପ୍ର.)**

ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ଜିଲାସ୍ତରୀୟ ରେଡ୍‌କ୍ରସ୍‌ର ସାଧାରଣ ବୈଠକ ନବରଙ୍ଗପୁର ଜିଲାପାଳ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ନବରଙ୍ଗପୁର ଜିଲା ଶାଖା ଅଧ୍ୟକ୍ଷ କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଡ. ମିଶ୍ର ସ୍ୱାଗତ ଜଣାଇବା ସହ ରେଡ୍‌କ୍ରସ୍‌ର ମୌଳିକ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ।

ମାନବ ସେବା ହିଁ ମାଧବ ସେବା। ଦୁଃଖୀ ଅଭାବୀଙ୍କ ସେବାରେ ବ୍ୟବହାର ହେଉଥିବା ରେଡ୍‌କ୍ରସ୍ ପାଣ୍ଠିକୁ ମୁକ୍ତହସ୍ତରେ ଦାନକରିବାକୁ ଜିଲାପାଳ ମିଶ୍ର ନିବେଦନ କରିଥିଲେ। ଲୋକଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଜିଲାରେ ରେଡ୍‌କ୍ରସ୍ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ରେଡ୍‌କ୍ରସ୍ ପାଣ୍ଠିର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଧାର୍ଯ୍ୟ ପାଣ୍ଠି ଠିକ୍ ସମୟରେ ଜିଲା ଜରୁରିକାଳୀନ ବିଭାଗରେ ପୈଠ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଗୃହରେ ୨୦୨୧-୨୨ର ଆୟ ଓ ବ୍ୟୟର ହିସାବ ଉପସ୍ଥାପନା କରାଯାଇଥିଲା। ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ଜିଲା ଅବକାରୀ ବିଭାଗ ଅଧିକାରୀମାନେ ଆଶାନୁରୂପ ପାଣ୍ଠି ଆଦାୟ କରିଥିବାରୁ ଜିଲାପାଳ ସେମାନଙ୍କୁ ପ୍ରଶଂସା କରିଥିଲେ। ବୈଠକରେ ଜିଲା ପରିଷଦ ଉପସଭାପତି ଲିପିକା ବାରୋଇ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ମଳୟ ତ୍ରିପାଠୀ, ଜିଲା ଜରୁରିକାଳୀନ ଅଧିକାରୀ ମୌସୁମୀ ନାୟକ, ଜିଲା ଜରୁରିକାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଆଇଟିଡିଏ ପିଏ ବେଣୁଧର ଶବର, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଡିଆଇପିଆର୍‌ଓ ହଳଧର ନିଆଲ, ଅଧ୍ୟାପିକା ଡ. ସଂଯୁକ୍ତା ପଣ୍ଡା, ଚନ୍ଦନା ପଣ୍ଡା, ଆଦିତ୍ୟ ବିକ୍ରମ ତ୍ରିପାଠୀ, ତ୍ରିପତି ବାଲାଜୀ ସାହୁ, ତହସିଲଦାର, ବିଡିଓ, ଶିଶୁ ବିକାଶ ଅଧିକାରୀଙ୍କ ବ୍ୟତୀତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ ଓ ଉପସ୍ଥିତ ଅନ୍ୟ ଅଧିକାରୀମାନେ।

